SAMBAD

# ସମ୍ବାଦ

16th Dec, 2019

## ୫୪ତମ ଅନ୍ତଃ ଆଇଆଇଟି କ୍ରୀଡ଼ା ଆରମ୍ଭ

# ଯୋଗଦେଲେ ୨୩ ଆଇଆଇଟିର ୮ ଶହ ଛାତ୍ରଛାତ୍ରୀ

ଜଟଣୀ, ୧୫/୧୨ (ଇମିସ) ଆଇଆଇଟି ଭୁବନେଶ୍ୱର ପରିସରରେ ୫୪ତମ ଅନ୍ତଃ ଆଇଆଇଟି କ୍ରୀଡ଼ା ଆଜିଠାରୁ ଆରମ୍ଭ ହୋଇଛି। କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ଧାବିକା ଦୁତି ଚାନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର୍ ଆର୍ ଭି. ରାଜାକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଡିନ୍ ପ୍ରଫେସର୍ ପେଡି ରେଡି ଓ ପ୍ରଫେସର୍ ଶଙ୍କର୍ଷଣ ମହାପାତ୍ର ଉପସ୍ଥିତ ରହିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତା ଆଜିଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଦେଶର ୨୩ଟି ଆଇଆଇଟିର ୮୦୦ ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି।

